## କିଡ୍‌ନି ଡାୟାଲିସିସ୍ କେନ୍ଦ୍ରଖୋଲିବାକୁ ଦାବି

ଗୁଣପୁର,(ଡି.ଏନ.ଏ)- ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କିଡ୍‌ନି ଡାୟାଲିସିସ କେନ୍ଦ୍ରଖୋଲିବାକୁ ଦାବି ହୋଉଛି। ଏନେଇ ଏକ ଦାବିପତ୍ର ଗୁଣପୁର ଉନ୍ନୟନ ଯୁବସଙ୍ଗଠନ ପକ୍ଷରୁ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଜେ. ସୋନାଲଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଅବିଭକ୍ତ କୋରାପୁଟ ଜିଲାର ଏକ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର। ମାତ୍ର ଏଠାରେ କିଡ୍‌ନି ଡାୟାଲିସିସ କେନ୍ଦ୍ର ନ ଥିବାରୁ ଆବଶ୍ୟକ ସମୟରେ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏହାକୁ ଗୁରୁତ୍ୱ ଦେଇ ଏଠାରେ ଏକ କିଡ୍‌ନି ଡାୟାଲିସିସ କେନ୍ଦ୍ର ଖୋଲିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଆବାହକ ଉମା ଶଙ୍କର ଦାସ, ସଂଯୋଜକ ବି.ସତୀଶ କୁମାର, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ନୂଆ ମ୍ୟାନେଜମେଣ୍ଟର ମନମୁଖି କାର୍ଯ୍ୟକୁ ସଂଘ, କର୍ମଚାରୀଙ୍କ ବିରୋଧ

**ଜୟପୁର,୧୯।୨ (ନି.ପ୍ର.)**

ଜୟପୁର ସେବା କାଗଜକଳକୁ ନୂଆ କମ୍ପାନୀ ମଦର ଆର୍ଥ ରିସୋର୍ସ ପ୍ରାଇଭେଟ ଲିମିଟେଡ୍ ଅଧିଗ୍ରହଣ ପରେ ମ୍ୟାନେଜମେଣ୍ଟ ପ୍ରଥମେ ଚୁକ୍ତିକତାର ସହ କର୍ମଚାରୀଙ୍କୁ କୋଭିଡ୍ ବାହାନାରେ ବାହାରେ ରଖିଲା। ଅନେକ ଦାବି ଏବଂ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ହସ୍ତକ୍ଷେପ ପରେ ନଭେମ୍ବର୨୫ରୁ କର୍ମଚାରୀଙ୍କୁ ଡ୍ୟୁଟିରେ ନେଇଥିଲା । ଡିସେମ୍ବରରୁ ଉତ୍ପାଦନ ଆରମ୍ଭ ହେବ କହି ଏପର୍ଯ୍ୟନ୍ତ ହୋଇନାହିଁ। ବର୍ତ୍ତମାନ

**ଜୟପୁର ସେବା କାଗଜକଳ**

ନୂଆ ମ୍ୟାନେଜମେଣ୍ଟ ପୁରୁଣା ଦରମା ହାରରେ ଦରମା ନ ଦେଇ ନୂଆ ହାରରେ ଦରମା ଧାର୍ଯ୍ୟ କରିବ। ଏହାକୁ କର୍ମଚାରୀ ଓ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ସଂଘ ମ୍ୟାନେଜମେଣ୍ଟକୁ ଏକ ପତ୍ର ଦେଇଛି। ସେଥିରେ ଉଲ୍ଲେଖ ରହିଛି, ଶ୍ରମିକ କର୍ମଚାରୀଙ୍କ ସମସ୍ୟା ବୁଝି ସମାଧାନ କରିବାକୁ ମ୍ୟାନେଜମେଣ୍ଟକୁ ପୂର୍ବରୁ କୁହାଯାଇଥିଲେ ମଧ୍ୟ କିଛି



ହୋଇନାହିଁ । ଅକ୍ଟୋବର ୨୦୨୧ରେ ଆଲୋଚନା ବେଳେ ତତ୍କାଳୀନ ମୁଖ୍ୟ ଶାସନ ସଚିବ କର୍ମଚାରୀଙ୍କ ସମସ୍ତ ଦାୟିତ୍ୱ ନୂଆ କମ୍ପାନୀ ବହନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ୪ଟି ଯାକ ୟୁନିୟନର ମିଳିତ କାର୍ଯ୍ୟକାରୀ କମିଟି କହିଛି, ୨୦୧୫ ଦୀର୍ଘସୂତ୍ରୀ ତ୍ରିପାକ୍ଷିକ ଚୁକ୍ତିନାମା ଅନୁଯାୟୀ ଦରମା ହାର ଏବଂ ଭିଡିଏ ସବୁ ଯୋଡ଼ି ନ ଦେଲେ ଶ୍ରମିକ, କର୍ମଚାରୀ ଓ ସଂଘ କିଛି ମାନିବେ ନାହିଁ । ମ୍ୟାନେଜମେଣ୍ଟର ମନମୁଖି କାର୍ଯ୍ୟକଳାପ ସହ କେବେ ସାଲିସ କରାଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ସଂଘର ପ୍ରଦୀପ ପାଣ୍ଡିଆ, ଜୟନ୍ତ ସାନ୍ତ୍ରା, ବାଳକୃଷ୍ଣ ପ୍ରଧାନ, ଧୀରେନ୍ଦ୍ର ମହାନ୍ତି ପ୍ରମୁଖ ୟୁନିଟ ହେଡ୍‌ଙ୍କୁ ଭେଟି ଚିଠି ଦେବା ସହ ଶ୍ରମ ବିଭାଗ ଓ ମୁଖ୍ୟ ଶାସନ ସଚିବଙ୍କ ଚିଠିର ନକଲ ହସ୍ତାନ୍ତର କରିଛନ୍ତି।

## ସଂକ୍ଷେପରେ

### ରାସ୍ତା ନାହିଁ ତ ଭୋଟ ନାହିଁ
### ଲାଉମାଳ ଗ୍ରାମବାସୀଙ୍କ ନିଷ୍ପତ୍ତି

ନାରାୟଣପାଟଣା, ୧୯।୨(ଡି.ଏନ.ଏ.)- ସରକାର ଗ୍ରାମାଞ୍ଚଳ ଲୋକଙ୍କ ଉନ୍ନତି ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ବହୁ ଅର୍ଥ ବ୍ୟୟ ହେଉଛି । ମାତ୍ର ଏସବୁ ଯୋଜନାର ସୁଫଳ ଲୋକେ ପାଉନାହାନ୍ତି। କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ପୋଡ଼ାପଦର ପଞ୍ଚାୟତ ଅନ୍ତର୍ଗତ ଲାଉମାଳ ଗ୍ରାମରେ ଏପରି ଦେଖିବାକୁ ମିଳିଛି। ଏହି ଗ୍ରାମରେ ୫୦ ପରିବାର ବସବାସ କରୁଛନ୍ତି। ଜନସଂଖ୍ୟା ୨ଶହରୁ ଉର୍ଦ୍ଧ୍ୱ ରହିଛି। ତେବେ ଗାଁକୁ ଯିବାକୁ ଏଯାଏ ପକ୍କାରାସ୍ତାଟିଏ ନାହିଁ। ନଦୀରେ ପୋଲଟିଏ ନିର୍ମାଣ ହୋଇପାରୁନାହିଁ। ପୂର୍ବରୁ ପ୍ରଶାସନକୁ ଅନେକଥର ଜଣାଇ କିଛି ସୁଫଳ ମିଳିନାହିଁ। ଫଳରେ ୨୨ତାରିଖରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କେହି ଭେଟ ନ ଦେଇ ଏହାକୁ ବର୍ଜନ କରିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ

ମାଲକାନଗିରି,୧୯।୨(ଡି.ଏନ୍.ଏ.)- ମାଲକାନଗିରି ଜିଲା ଗଙ୍ଗଲା ପଞ୍ଚାୟତ ଅନ୍ତର୍ଗତ କତାମେଟା-ଗଙ୍ଗଲା ରାସ୍ତା ପାର୍ଶ୍ୱ ଜଙ୍ଗଲରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ଜଣକ ମାଥିଲି ବ୍ଲକ୍ ଅନ୍ତର୍ଗତ ଚାଉଳମେନଦି ପଞ୍ଚାୟତ ମଲଲିଗୁଡ଼ା ଗ୍ରାମର ଗଣପତି ଚାଣ୍ଡାଲ ବୋଲି ଜଣାପଡ଼ିଛି। ସକାଳେ କତାମେଟା ଗ୍ରାମର କେତେଜଣ ଲୋକ କତାମେଟାରୁ ଗଙ୍ଗଲା ଯାଉଥିବା ସମୟରେ ଏହି ମୃତଦେହକୁ ଦେଖିଥିଲେ। ପରେ ଏନେଇ ସେମାନେ ପୋଲିସକୁ ଖବର ଦେଇଥିଲେ। ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏକ ଧାରୁଆ ଅସ୍ତ୍ରରେ ଗଣପତିଙ୍କ ବେକ କାଟି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି।

### ଜଙ୍ଗଲ ଆମ ଶ୍ରେଷ୍ଠ ସମ୍ପଦ: ଏସିଏଫ୍



ସେମିଳିଗୁଡ଼ା/ସୁନାବେଡ଼ା,୧୯।୨(ସ୍ୱ.ପ୍ର.)- କୋରାପୁଟ ବନଖଣ୍ଡ ବିଭାଗ ତତ୍ତ୍ୱାବଧାନରେ ସେମିଳିଗୁଡ଼ା ବନାଞ୍ଚଳ ପକ୍ଷରୁ ଜଙ୍ଗଲ ସୁରକ୍ଷାକୁ ନେଇ ଶନିବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସିଏଫ୍ ଏ.ଉମା ମହେଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଙ୍ଗଲ ହିଁ ଆମର ଶ୍ରେଷ୍ଠ ସମ୍ପଦ। ଜଙ୍ଗଲ ସୁରକ୍ଷିତ ରହିଲେ ଜୀବଜଗତ ସୁରକ୍ଷିତ ରହିବ ବୋଲି ପ୍ରକାଶ କରିଛନ୍ତି। ସେମିଳିଗୁଡ଼ା ବନାଞ୍ଚଳ ଅଧୀନରେ ଥିବା ୩ଟି ବ୍ଲକ ଯଥା ପଟ୍ଟାଙ୍ଗୀ ବ୍ଲକର ନୂଆଗାଁ, କମସାଲ, ପାଡୁ, ଶଙ୍କପାଡୁ, ସେମିଳିଗୁଡ଼ା ବ୍ଲକର ସାକିଆଗୁଡ଼ା, ପିଟାଗୁଡ଼ା, ଦୁଧାର, କାଣ୍ଟି ଏବଂ ନନ୍ଦପୁର ବ୍ଲକର ବିଲାପୁଟ ଓ ଥୁବା ଗ୍ରାମରେ ଜଙ୍ଗଲ ସୁରକ୍ଷା ନେଇ 'ଜଙ୍ଗଲରେ ନିଆଁ' ସମ୍ପର୍କିତ ଏକ ଜନସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଆଉ କିଛିଦିନ ପରେ ଗ୍ରୀଷ୍ମଋତୁ ହେବ। ବଣ ଜଙ୍ଗଲ ଘେରା ଏହିସବୁ ଅଞ୍ଚଳ କିପରି ସୁରକ୍ଷିତ ରହିବ, ଜଙ୍ଗଲଗୁଡ଼ିକରେ ଯେପରି କୌଣସି ପ୍ରକାର ଅଗ୍ନିକାଣ୍ଡ ନ ଘଟେ ଏବଂ ଜଙ୍ଗଲ ସୁରକ୍ଷା ସହ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଏସିଏଫ୍ ଆର୍.କେ. ନାଗ, ରେଞ୍ଜର ରୋହିତ କୁମାର, ଫରେଷ୍ଟର ନିରଞ୍ଜନ ଶତପଥୀ, ପ୍ରକାଶ ଚନ୍ଦ୍ର ରଥ, ଗୋପୀନାଥ ପାଙ୍ଗୀ, ରାଜୀବଲୋଚନ ଖିଲ୍ଲଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ-କୋଟସ୍ ମଧ୍ୟରେ ଏମ୍‌ଓୟୁ ନବୀକରଣ

କୋରାପୁଟ,୧୯।୨(ସ୍ୱ.ପ୍ର.)- ଆଦିବାସୀ ସଂସ୍କୃତି ଓ ଶିକ୍ଷାର ବିକାଶ ନେଇ ଶନିବାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଶା ଓ କାଉନସିଲ ଅଫ ଆନାଲିଟିକାଲ ଟ୍ରାଇବାଲ ଷ୍ଟଡି(କୋଟସ୍) ମଧ୍ୟରେ ପୂର୍ବରୁ ୨୦୧୭ ଜୁଲାଇ ୨୫ରେ ହୋଇଥିବା ଏମଓୟୁର ନବୀକରଣ ହୋଇଛି। ଏହା ଆସନ୍ତା ୩ ବର୍ଷ ଯାଏ ବଳବତ୍ତର ରହିବ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋଟସ୍ ମିଳିତ ଭାବେ ଆଦିବାସୀ ଅଞ୍ଚଳର ଜୈବ ବିବିଧତା, ସେମାନଙ୍କ ସାମାଜିକ ଓ ସାଂସ୍କୃତିକ ଉନ୍ନତିରେ ମିଳିତ ଭାବେ କାର୍ଯ୍ୟ କରିବେ। କୋଟସ୍‌ଠାରେ



ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପଲିତା ଓ କୋଟସ୍‌ର ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ରେଜିଷ୍ଟ୍ରାର ଅସିତ ଦାସ , କୋଟସ୍‌ର ପ୍ରାଧ୍ୟାପକ ଡ. ଜଗବନ୍ଧୁ ସାମଲ, ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଏସ୍ଏଫ୍ ପକ୍ଷରୁ ୨ ସ୍ଥାନରେ ଜନସମ୍ପର୍କ ଶିବିର



ମାଲକାନଗିରି ଜନସମ୍ପର୍କ ଶିବିରରେ ବିଏସ୍ଏଫ୍ ଅଧିକାରୀମାନଙ୍କ ସହ ଉପସ୍ଥିତ ଗ୍ରାମବାସୀ।

**ମାଲକାନଗିରି/କୋରାପୁଟ, ୧୯।୨(ଡି.ଏନ୍.ଏ./ସ୍ୱ.ପ୍ର.)**

ଶନିବାର ମାଲକାନଗିରି ଜିଲାର ଖଇରପୁଟ ବ୍ଲକ ଏବଂ କୋରାପୁଟ ଜିଲା ଲମତାପୁଟ ବ୍ଲକର ଅନକାଡେଲିଠାରେ ବିଏସ୍ଏଫ୍ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଖଇରପୁଟର ଭାଲିଆପଦରଠାରେ ୬୫ ବିଏସ୍ଏଫ୍ ବାଟାଲିୟନର ଡିଆଇଜି ମଦନଲାଲ ଏବଂ କମାଣ୍ଡାଣ୍ଟ ଟି.ଏସ୍.ଏନ୍. ରେଡ୍ଡି ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ସମୟରେ ଶିବିରରେ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ମହିଳାମାନଙ୍କୁ ଶାଢ଼ି, ଗୃହୋପଯୋଗୀ ସାମଗ୍ରୀ, ଯୁବକମାନଙ୍କୁ ଖେଳ ଉପକରଣ, ଛାତ୍ରୀଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ଡିଆଇଜି ମଦନ ଲାଲ ନିଜ ଅଞ୍ଚଳର ବିକାଶ ସହ ସବୁ ପରିବାର ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ସବୁ ଝିଅ ଯେଭଳି ଶିକ୍ଷାଲାଭ କରିପାରିବେ ସେଥିପ୍ରତି ପରିବାର ଲୋକେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

ସେହିପରି କୋରାପୁଟ ଜିଲା ଲମତାପୁଟ ବ୍ଲକ ଅନକାଡେଲିରେ ବିଏସ୍ଏଫ୍‌ର ୬୫ ବାଟାଲିୟନ ପକ୍ଷରୁ ହୋଇଥିବା ଶିବିରରେ କମାଣ୍ଡାଣ୍ଟ ଟି.ଏସ୍ଏନ ରେଡ୍ଡି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ କୋରାପୁଟ ସେକ୍ଟରର ବିଏସ୍ଏଫ୍ ଡିଆଇଜି ମଦନ ଲାଲ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନକାଡେଲି, କଦମ୍ବଗୁଡ଼ା, ହନୁମାଳ ଗ୍ରାମର ଉପସ୍ଥିତ ୬୦ ଜଣ ଗ୍ରାମବାସୀଙ୍କୁ ଶାଢ଼ି, ଗାମୁଛା ସମେତ ଅନ୍ୟାନ୍ୟ ସାମାଗ୍ରୀ ବଣ୍ଟନ କରାଯାଇଥିଲା। ଗ୍ରାମର ଯୁବକମାନଙ୍କୁ ବିଭିନ୍ନ କ୍ରୀଡା ଉପକରଣ ପ୍ରଦାନ କରାଯାଇଥିଲା । ଆଗାମୀ ଦିନରେ ଏହି ଅଞ୍ଚଳରେ ବିଏସ୍ଏଫ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର, ସହ ବିଭିନ୍ନ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ବୋଲି ଡିଆଜି ସୂଚନା ଦେଇ କହିଲେ ଯେ, ଏବେ ସରକାରଙ୍କ ପକ୍ଷରୁ ଆଦିବାସୀ ଯୁବତୀଯୁବକଙ୍କୁ ସ୍ୱତନ୍ତ୍ର ତାଲିମ ଦେଇ ସେନାରେ ନିଯୁକ୍ତି ପ୍ରଦାନ କରାଯାଉଛି। ଉକ୍ତ ଅଞ୍ଚଳର ଯୁବତୀଯୁବକମାନେ ଏହି ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ସମୟରେ ଅନକାଡେଲି ସରପଞ୍ଚ ଜଗନ୍ନାଥ ହନ୍ତାଳ, ଶିକ୍ଷକ ଟି. ଶ୍ରୀନୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଙ୍କ୍ ଜୋନ୍‌ରେ ନିୟୋଜିତ ଥିଲେ ମହିଳା ପୋଲିଂ ଅଧିକାରୀ

**ମାଲକାନଗିରି/କୋରୁକୋଣ୍ଡା, ୧୯।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍‌ର ୨ଜୋନ୍‌ର ୧୨ ସରପଞ୍ଚ, ୧୨ ସମିତିସଭ୍ୟ ଓ ୧୭୮ ୱାର୍ଡସଭ୍ୟ ଆସନ ପାଇଁ ମତଦାନ ଶାନ୍ତିଶୃଙ୍ଖଳାର ସହ ଶୁକ୍ରବାର ଶେଷ ହୋଇଛି। ୧୦ ଜିଲା ପରିଷଦ ପ୍ରାର୍ଥୀ, ୪୯ ସରପଞ୍ଚ ପ୍ରାର୍ଥୀ, ୪୦ ସମିତିସଭ୍ୟ ପ୍ରାର୍ଥୀ ଓ ୯୦ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ସହ ମୋଟ ୧୮୯ଜଣଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ବ୍ଲକରେ ମୋଟ ୧୭୮ ବୁଥ୍ କରାଯାଇଥିବାବେଳେ ସେଥିରୁ ୩ ବୁଥ୍ ଉତ୍ତେଜନାପ୍ରବଣ ଥିଲା। ୫୧,୯୭୬ ମତଦାତାଙ୍କ ମଧ୍ୟରୁ ୩୯,୨୯୧ ମତଦାତା ପ୍ରାୟ ୭୦ ପ୍ରତିଶତ ସେମାନଙ୍କ ମତ ସାବ୍ୟସ୍ତ କରିଥିଲେ। କୋରୁକୋଣ୍ଡା ପଞ୍ଚାୟତ ସଦରର ୧୦ନଂ. ୱାର୍ଡ ପିଙ୍କ୍ ଜୋନ୍‌ରେ ମହିଳା ପୋଲିଂ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା । ମାଓବାଦୀଙ୍କ ଗଡ଼ କୁହାଯାଉଥିବା ନାକାମାମୁଡ଼ି ପଞ୍ଚାୟତର ୩ ବୁଥ୍ ଖଜୁରିବେଡ଼ା, ଆମିଲିବେଡ଼ା ଓ ୩ ବୁଥ୍‌ରେ ମତଦାନ ବ୍ୟବସ୍ଥା ହୋଇଥିଲା। ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଥିଲା। ଜିଲାପାଳ ବିଶାଳ ସିଂ, ଏସ୍‌ପି ନୀତୀଶ ୱାଧ୍ୱାନୀ, କୋରୁକୋଣ୍ଡା ବିଡିଓ ଅଂଶୁମାନ ମହାପାତ୍ର ବିଭିନ୍ନ ବୁଥ୍ ପରିଦର୍ଶନ କରି ନିର୍ବାଚନ ପରିଚାଳନା କାର୍ଯ୍ୟ ତଦାରଖ କରିଥିଲେ।

### ମାଥିଲି ବ୍ଲକ୍: ମାଓବାଦୀ ଭୟ
### ୩ ଜୋନ୍‌ର ୯ ବୁଥ୍ ସ୍ଥାନାନ୍ତର

**ମାଲକାନଗିରି,୧୯।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ୨୦ଟି ପଞ୍ଚାୟତକୁ ନେଇ ୩ ଜିଲା ପରିଷଦ ଜୋନ୍ ରହିଛି। ଏଥିରେ ୨୦ ପଞ୍ଚାୟତରେ ୬୪ ଜଣ ସରପଞ୍ଚ ପ୍ରାର୍ଥୀ, ୫୮ ସମିତିସଭ୍ୟ ଓ ୧୩୦ ୱାର୍ଡମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମତଦାନ ଲାଗି ୨୫୪ ବୁଥ୍ ସ୍ଥାପନ କରାଯାଇଛି। ଏଥିରୁ ୯ ବୁଥ୍‌କୁ ମାଓବାଦୀଙ୍କ ଭୟ ରହିଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଦଣ୍ଡିପଦର ମତଦାନ କେନ୍ଦ୍ରକୁ ମହୁପଦର, କେରିମିଟି ଓ ତୁଳସୀ ମତଦାନ କେନ୍ଦ୍ରକୁ ଟେମୁରୁପାଲି, କାଦୁଅପଦର ଓ କରିଙ୍ଗିଜବା ମତଦାନ କେନ୍ଦ୍ରକୁ ବାରା ଓ କାଦୁଅଭଟା ମତଦାନ କେନ୍ଦ୍ରକୁ କାନ୍ଦ୍ରାବେଡ଼ାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଡୁରୁକାଗୁଡ଼ାକୁ ଲୁଲେର, ମେସାଗନ୍ଧିକୁ ମୁଣ୍ଡାଗୁଡ଼ା ଓ କମାରପାଲି ମତଦାନ କେନ୍ଦ୍ର ମୁଣ୍ଡାଗୁଡ଼ା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଯୋଗ୍ୟ, ଏହିସବୁ ଅଞ୍ଚଳ ଛତିଶଗଡ଼ର ସୀମାନ୍ତରେ ରହିଛି। ଦର୍ଭା ମାଓବାଦୀ ସଙ୍ଗଠନ ଏଠାରେ ସକ୍ରିୟ ରହିଛି।

### ଦିବଂଗତ ସାହିତ୍ୟିକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା କୋରାପୁଟ ସାହିତ୍ୟ ପରିବାର



**କୋରାପୁଟ,୧୯।୨(ସ୍ୱ.ପ୍ର.)**

ନିକଟରେ ପରଲୋକ ହୋଇଥିବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ପ୍ରମୋଦ ମହାନ୍ତି, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ତଥା କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ସାହିତ୍ୟ ସାଧକ ପ୍ରଫେସର ପଞ୍ଚାନନ ମିଶ୍ରଙ୍କ ବିୟୋଗରେ କୋରାପୁଟ ସାହିତ୍ୟ ପରିବାର ପକ୍ଷରୁ ଶନିବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ପରିବାରର ସମ୍ପାଦିକା ଡ. ପ୍ରୀତିଧାରା ସାମଲ ଦିବଂଗତ ସାହିତ୍ୟିକମାନଙ୍କ ଉପରେ ସୂଚନା ପ୍ରଦାନ ପରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଉପସ୍ଥିତ ସାହିତିକମାନେ ସେମାନଙ୍କ ଅବଦାନ ସଂପର୍କରେ ଆଲୋଚନା କରି ସ୍ମୃତିଚାରଣ କରିଥିଲେ । ସାହିତ୍ୟ ପରିବାରର ଉପଦେଷ୍ଟା ସାହିତ୍ୟିକ ଉମାକାନ୍ତ ଦାସ, ଗାଳ୍ପିକ ନାରାୟଣ ପଣ୍ଡା, ଗବେଷକ ଡ. ଜଗବନ୍ଧୁ ସାମଲ, ଅନୁବାଦକ ବିଜୟ ପ୍ରଧାନ, ପଞ୍ଚବଟୀ ସାହିତ୍ୟ ପତ୍ରିକାର ସମ୍ପାଦକ ସୁଶାନ୍ତ କୁମାର ନାୟକ, କବି ରବି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ପତାକାକୁ ଅସମ୍ମାନ



ଜାତୀୟ ପତାକାକୁ ମତଦାନ କେନ୍ଦ୍ରର ଝରକାଠାରେ ଗୁଞ୍ଜିକରି ରଖାଯାଇଛି ।

**ମାଲକାନଗିରି/କୋରୁକୋଣ୍ଡା, ୧୯।୨(ଡି.ଏନ.ଏ.)**

ଆମ ଜାତୀୟ ପତାକା ତ୍ରିରଙ୍ଗା ଆମ ଗର୍ବ ଓ ଗୌରବ। ତେବେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ସାରଦଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ପତାକାକୁ ଶିକ୍ଷା ବିଭାଗ ଅସମ୍ମାନ ପ୍ରଦର୍ଶନ କରିବା ପରି ସଙ୍ଗିନ ଅଭିଯୋଗ ଆସିଛି। ଗତ ୧୮ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଏଠାରେ ୩ନଂ. ବୁଥ୍‌ରେ ହୋଇଥିଲା। ଏହି ବୁଥ୍ ବିଦ୍ୟାଳୟ ଶ୍ରେଣୀଗୃହରେ ଜାତୀୟ ପତାକାକୁ ଏକ ଝରକା କୋଣରେ ମୋଡ଼ି ରଖାଯାଇଥିବା ଦେଖିବାକୁ ମିଳିଥିଲା। ବୁଥ୍ ପରିଚାଳନା ଲାଗି ଯାଇଥିବା ପୋଲିଂ ଅଫିସରମାନଙ୍କ ସମ୍ମୁଖରେ ଝରକା ଥିବାବେଳେ ସେମାନଙ୍କ ନଜରରେ ଏହା ନ ପଡ଼ିବା ଦୁଃଖର ବିଷୟ ବୋଲି ମତ ପ୍ରକାଶ ପାଉଛି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପବିତ୍ର ମିସ୍ତ୍ରି ଓ ସିଆର୍‌ସିସିଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ବ୍ଲକ ଶିକ୍ଷାଧିକାରୀ ପତିତପାବନ ଦାସଙ୍କୁ ଏ ବିଷୟରେ ଜଣାଇବାରୁ ସେ ଏହାର ତଦନ୍ତକରି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।

# ପ୍ରଶାସନ ୪ ଅନାଥ ଶିଶୁଙ୍କ ଦାୟିତ୍ୱ ନେଉ:ଟିମ୍ ଉଇ କ୍ୟାନ୍

**ମାଲକାନଗିରି,୧୯।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ଲାଠିଆଗୁଡ଼ାରେ ରହୁଥିବା ହରି ପୂଜାରୀଙ୍କ ଗତ ଫେବୃୟାରୀ ୪ରେ ମୃତ୍ୟୁ ପରେ ତାଙ୍କ ୪ ସନ୍ତାନ ଏବେ ଅନାଥ ହୋଇ ପଡ଼ିଛନ୍ତି। ହରିଙ୍କ ସ୍ତ୍ରୀ ପଦ୍ମା ପୂଜାରୀ ଗତ ୧୫ ବର୍ଷ ହେଲା ନିଖୋଜ ଅଛନ୍ତି। ବଡ଼ପୁଅ ଗଣେଶ ପୂଜାରୀ ତାଙ୍କ ଦୁଇ ଛୋଟ ଭଉଣୀ ଓ ଭାଇ ଦୁହିଁଙ୍କ ପାଇଁ ଖାଇବା ଯୋଗାଡ଼ କରିବାକୁ ବାହାରେ ମୂଲ ଲାଗୁଥିବା କେତେଜଣ ସାହିବାସିନ୍ଦା ପ୍ରକାଶ କରିଛନ୍ତି। ଯାଆଁଳା ଝିଅ ଗଙ୍ଗା ଓ ଯମୁନା ଓ ଅନ୍ୟ ଜଣେ ପୁଅ ଭକ୍ତ ପୂଜାରୀ ମାଆବାପାଙ୍କ ଚିନ୍ତାରେ ଦିନ କାଟୁଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଶନିବାର ମାଲକାନଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ଉଇ କ୍ୟାନ୍ ପକ୍ଷରୁ ଏହି ଅନାଥ ଶିଶୁମାନଙ୍କୁ ଚାଉଳ, ଡାଲି, ସହ ଅନ୍ୟାନ୍ୟ ସାମଗ୍ରୀ ଓ ପୋଷାକ ପ୍ରଦାନ କରାଯାଇଛି। ହରିଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ସତ୍କାର ଲାଗି ପ୍ରଶାସନ ୧ ହଜାର ଟଙ୍କା ଦେଇ ନୀରବ ରହିଛି। ୧୫ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ଶିଶୁମାନଙ୍କୁ ଥଇଥାନ ଲାଗି ପଦକ୍ଷେପ ନେଇ ନ ଥିବାରୁ ସାଧାରଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାମାଜିକ କର୍ମୀ ଦୁର୍ଯ୍ୟୋଧନ ପାତ୍ର, ଗୋପୀକୃଷ୍ଣ ପଟ୍ଟନାୟକ, ଭାସ୍କର ବେହେରା, ରାମକୃଷ୍ଣ ଭଞ୍ଜ, ଅମରେଶ ମହନ୍ତ, ମାନସ ସୁନା, ସୁଧୀର ଜେନା, ସୁଜିତ ପାଣିଗ୍ରାହୀ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜି ୨ବ୍ଲକର ୪ ଜିଲା ପରିଷଦ ଜୋନ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**ମାଲକାନଗିରି,୧୯।୨ (ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ହେବ। ମାଲକାନଗିରି ଜିଲା ପଡ଼ିଆ ଓ ମାଥିଲି ବ୍ଲକରେ ହେବାକୁ ଥିବା ଏହି ନିର୍ବାଚନରେ ୪ ଜିଲା ପରିଷଦ ଜୋନ୍‌ରେ ମୋଟ ୯୯ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟର ନିର୍ଦ୍ଧାରଣ କରିବେ। ମାଥିଲି ବ୍ଲକରେ ୨୦ ପଞ୍ଚାୟତକୁ ନେଇ ୩ଟି ଜିଲା ପରିଷଦ ଜୋନ୍ ଥିବା ବେଳେ ପଡ଼ିଆ ବ୍ଲକରେ ୮ ପଞ୍ଚାୟତକୁ ନେଇ ଗୋଟିଏ ଜିଲା ପରିଷଦ ଜୋନ୍ ରହିଛି। ମାଥିଲି ଜୋନ୍ ପାଇଁ ୧୧ ଜଣ ଜିଲା ପରିଷଦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦ ପଞ୍ଚାୟତରେ ୬୪ ଜଣ ସରପଞ୍ଚ ପ୍ରାର୍ଥୀ, ୫୮ ଜଣ ସମିତି ସଭ୍ୟ ଓ ୧୩୦ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଥିବା ଜଣାପଡ଼ିଛି। ଏହି ବ୍ଲକରେ ୬୫,୯୯୭ ଭୋଟରଙ୍କ ଲାଗି ୨୫୪ ବୁଥ୍ କରାଯାଇଛି। ୫୪୨ ଜଣ ପୋଲିଂ କର୍ମଚାରୀ ନିଯୁକ୍ତି ପାଇଛନ୍ତି। ବୁଥ୍‌ଗୁଡ଼ିକ ମଧ୍ୟରୁ ୧୪ ଅତି ସମ୍ବେଦନଶୀଳ ଥିବା ବେଳେ ୫୭ ସମ୍ବେଦନଶୀଳ ବୁଥ୍ ରହିଛି। ତେବେ ମାଥିଲି ଓ ଛତିଶଗଡ଼ ବ୍ଲକ ଛତିଶଗଡ଼ ସୀମାକୁ ଲାଗିଥିବାରୁ ସେହିସବୁ ଅଞ୍ଚଳରେ ମାଓବାଦୀଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାଟ୍ରୋଲିଂ ଗାଡ଼ି ସହ ବିଏସ୍ଏଫ୍ ଓ ଡିବିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଛି। ସେହିପରି ପଡ଼ିଆ ବ୍ଲକର ଗୋଟିଏ ଜିଲା ପରିଷଦ ଜୋନ୍‌ରେ ୩ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦ ଜଣ ସରପଞ୍ଚ ପ୍ରାର୍ଥୀ, ୨୨ ସମିତିସଭ୍ୟ ଓ ୫୯ ୱାର୍ଡମେମ୍ବର ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି। ପଡ଼ିଆ ବ୍ଲକରେ ମୋଟ ଭୋଟର ସଂଖ୍ୟା ୨୯,୬୬୩ ହୋଇଥିବା ବେଳେ ବ୍ଲକରେ ୧୧୫ ବୁଥ୍ ସ୍ଥାପନ କରାଯାଇଛି। ୩୪୫ ଜଣ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏଥିରୁ ୫୪ ସମ୍ବେଦନଶୀଳ ବୁଥ୍ ରହିଛି।

# ଲକର୍‌ରୁ ମିଳିଲା ବିପୁଳ ଟଙ୍କା, ଅଳଙ୍କାର

**ଭୁବନେଶ୍ୱର, ୧୯।୨(ବ୍ୟୁରୋ)**

କୋରାପୁଟ ଜିଲା ସୁନାବେଡା ପୌରପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବର୍ହିଭୂତ ସମ୍ପତ୍ତି ଠାବ କରାଯାଇଛି। ଶନିବାର ଚଢ଼ଉର ଦ୍ୱିତୀୟ ଦିନରେ ଭୁବନେଶ୍ୱର ପୋଖରୀପୁଟରେ ଥିବା ୟୁନିଅନ୍ ବ୍ୟାଙ୍କ ଲକର୍ ଖୋଲାଯିବା ପରେ ବିପୁଳ ପରିମାଣର ଟଙ୍କା ଏବଂ ସୁନା

**ପୌରପରିଷଦ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ଉ ଘଟଣା**

ଓ ରୁପା ଅଳଙ୍କାର ଜବତ କରାଯାଇଛି। ଫଳରେ ମୋଟ ଜବତ ଟଙ୍କା ୨୮.୬୧ ଲକ୍ଷରେ ପହଞ୍ଚିଛି। ଏଥିସହ ଜବତ ସୁନା ୩୬୯.୧୦ ଗ୍ରାମ ଓ ୨୮୮.୫୧ ଗ୍ରାମ ରୁପା ଅଳଙ୍କାର ପହଞ୍ଚିଛି। ଜବତ ଅଳଙ୍କାରର ମୂଲ୍ୟ୧୧.୪୪ ଲକ୍ଷ ଟଙ୍କା ହେବ ବୋଲି ଭିଜିଲାନ୍ସ ପକ୍ଷରୁ ଶନିବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଆୟବର୍ହିର୍ଭୂତସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ମନୋଜଙ୍କ ସୁନାବେଡ଼ା ବାସଭବନ ଓ କାର୍ଯ୍ୟାଳୟ, ଭୁବନେଶ୍ୱର ପୋଖରୀପୁଟ ବାସଭବନ, ବ୍ରହ୍ମପୁର ଏବଂ ପାରଳାଖେମୁଣ୍ଡିରେ ଏକକାଳୀନ ୬ଟି ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ଚଢାଉରେ ଭିଜାଲାନ୍ସର ୫ ଜଣ ଡିଏସ୍‌ପି, ୮ ଜଣ ଇନ୍‌ସପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

# ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଗାଡ଼ିଚାଳକଙ୍କ ପ୍ରତି ପ୍ରଶାସନ ଉଦାସୀନ

**ପଟ୍ଟାଙ୍ଗୀ,୧୯।୨(ଡି.ଏନ୍.ଏ.)**

ରାଜ୍ୟରେ ଆରମ୍ଭ ହୋଇଯାଇଛି ତ୍ରିସ୍ତରୀୟ ପଞ୍ଚାୟତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ କାର୍ଯ୍ୟ ସରିଛି। ତୃତୀୟ ପର୍ଯ୍ୟାୟ ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୋଲିଂ କର୍ମଚାରୀଙ୍କ ଯାତାୟାତ ଲାଗି ୧୫୭ ବୁଥ୍ ପାଇଁ ବ୍ଲକ କାର୍ଯ୍ୟାଳୟକୁ ପରିବହନ ବିଭାଗ ୪୬ଟି ବୋଲେର, ୩୬ କମାଣ୍ଡର, ୧୪ ସବାରି, ୧୪ ପିକ୍‌ଅପ୍ ଭ୍ୟାନ୍, ୧୦ଟି ୪୦୭ ଏବଂ ଅନ୍ୟାନ୍ୟ ୧୫ ଗାଡ଼ି ଯୋଗାଇ ଦେଇଥିଲା। ଏହି ଗାଡ଼ିଗୁଡ଼ିକର ଚାଳକମାନେ ବ୍ଲକ କାର୍ଯ୍ୟାଳୟରୁ ପୋଲିଂ କର୍ମଚାରୀମାନଙ୍କୁ ନେଇ ଧାର୍ଯ୍ୟ ବୁଥ୍‌ରେ ଛାଡ଼ିଥିଲେ। ମତଦାନ କାର୍ଯ୍ୟ ସରିବା ପରେ ସେମାନଙ୍କୁ ଆଣି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚାଇଥିଲେ। ମାତ୍ର ମତଦାନ କେନ୍ଦ୍ରକୁ ନେବା ଓ ଆଣିବା ମଧ୍ୟରେ କେହି ମଧ୍ୟ ଗାଡ଼ିଚାଳକମାନଙ୍କ ଖାଇବା ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ଫଳରେ ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଆମେ ଜୀବନକୁ ବାଜି ଲଗାଇ ଦୁର୍ଗମ ଅଞ୍ଚଳକୁ ନିର୍ବାଚନରେ ଜଡ଼ିତ କର୍ମଚାରୀଙ୍କୁ ନେଇ ଯାଉଛୁ ଅଥଚ ଆମ କଥା କେହି ବୁଝୁନାହାନ୍ତି ବୋଲି କେତେଜଣ କ୍ଷୋଭର ସହ କହୁଥିବା ଦେଖିବାକୁ ମିଳିଥିଲା। ଏହାକୁ ଓଡ଼ିଶା ମୋଟର ଚାଳକ ସଂଘର ପଟ୍ଟାଙ୍ଗୀ ଶାଖା ସଭାପତି ଅର୍ଜୁନ ଖରା ଓ ସମ୍ପାଦକ ଶରତ ଧଳ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି, ଗାଡ଼ିଚାଳକମାନେ ଯେପରି ନିର୍ବାଚନ କାର୍ଯ୍ୟରେ ସହଯୋଗ କରୁଛନ୍ତି ପ୍ରଶାସନ ମଧ୍ୟ ସେପରି ସେମାନଙ୍କ ରହିବା ଓ ଖାଇବା କଥା ବୁଝିବା ଆବଶ୍ୟକ।

# ଭାଜପା, ବିଜେଡି ସମର୍ଥିତଙ୍କୁ ଚକ୍‌ମା ଦେଇପାରନ୍ତି ସ୍ୱାଧୀନ ପ୍ରାର୍ଥୀ

**ରାଇଘର, ୧୯।୨(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକରେ ଆସନ୍ତା ୨୪ ତାରିଖରେ ନିର୍ବାଚନ ହେବ। ଏହାକୁ ନେଇ ଗ୍ରାମାଞ୍ଚଳର ପରିବେଶ ସରଗରମ ହୋଇପଡ଼ିଛି । ଚଳିତ ନିର୍ବାଚନରେ ରାଇଘର ବ୍ଲକରେ ଉଭୟ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ଜାରି ରହିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଉଭୟ ଭାଜପା ଓ ବିଜେଡି କିଭଳି ବ୍ଲକ୍ ଅଧ୍ୟକ୍ଷ ପଦ ହାତେଇବେ ସେଥି ନିମନ୍ତେ ସମସ୍ତ ସମର୍ଥିତ ସମିତି ସଭ୍ୟଙ୍କୁ ଜିତାଇବାକୁ ରଣକୌଶଳ ଆପଣାଉଛନ୍ତି। କିନ୍ତୁ ବିଭିନ୍ନ ପଞ୍ଚାୟତରେ ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ପ୍ରଚାର କରିବା ଜୋର୍‌ଦାର କରୁଛନ୍ତି। ଏଥିସହ ସେସବୁ ଅଞ୍ଚଳରେ ସେମାନଙ୍କ ଦବ୍‌ଦବା ମଧ୍ୟ ବଢ଼ିବାରେ ଲାଗିଛି।

ଚଳିତ ନିର୍ବାଚନରେ ୨୬ ପଞ୍ଚାୟତ ନିମନ୍ତେ ମୋଟ ୮୨ ଜଣ ସମିତି ସଭ୍ୟ ପ୍ରାର୍ଥୀ ଅଛନ୍ତି। ଉଭୟ ଭାଜପା ଓ ବିଜେଡିରୁ ୨୬ଜଣ ଲେଖାଏ ପ୍ରାର୍ଥୀଙ୍କୁ ସମର୍ଥନ କରୁଛନ୍ତି। ୩୦ ଜଣ ସ୍ୱାଧୀନ ପ୍ରାର୍ଥୀ ମଇଦାନରେ ଅଛନ୍ତି। ବ୍ଲକ୍ ଗଠନରେ ସେମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିପାରନ୍ତି। ଗତଥର ଭାଜପା ଏକତରଫା ଭାବରେ ବ୍ଲକ ଗଠନ କରିଥିଲା। ଉଭୟ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଭାଜପା ଦଖଲରେ ଥିଲା। ଗୋଷ୍ଠୀକନ୍ଦଳ ଯୋଗୁ ବିଜେଡି ନିଜ ଗଡ଼ରେ ହାରିଥିଲା। ଏହାର ପ୍ରଭାବ ସାଧାରଣ ନିର୍ବାଚନରେ ପଡ଼ିଥିଲା। ଉମରକୋଟ ନିର୍ବାଚନ ମଣ୍ଡଳୀରେ ଭୋଟ ବ୍ୟାଙ୍କ ଗଡ଼ କୁହାଯାଉଥିବା ରାଇଘର ବ୍ଲକ ଭାଜପା ଦଖଲରେ ଥିବାରୁ ଦଳର ନିତ୍ୟାନନ୍ଦ ଗଣ୍ଡ ବିଧାୟକ ହୋଇଥିଲେ।

**ଜୋର୍‌ଦାର ପ୍ରଚାର ସହ ବଢୁଛି ଦବ୍‌ଦବା**

ଚଳିତ ନିର୍ବାଚନରେ ଏମ୍‌ପି ରମେଶ ମାଝି ମିଶ୍ରଣ ପର୍ବ କରି ସଙ୍ଗଠନକୁ ମଜଭୁତ କରିଛନ୍ତି। କିନ୍ତୁ ନିର୍ବାଚନ ସମୟରେ ଏକାଧିକ ପଞ୍ଚାୟତରେ ଅନ୍ତର୍ଦ୍ୱନ୍ଦ୍ୱ ଥିବାରୁ ଅନେକ କର୍ମକର୍ତ୍ତା ପ୍ରଚାରରୁ ଦୂରରୁ ରହୁଛନ୍ତି। ଶେଷ ପର୍ଯ୍ୟାୟରେ ରାଇଘର ବ୍ଲକ ନିର୍ବାଚନ ଥିବାରୁ ଦଳର ତୁଙ୍ଗନେତା ଆସି ଅସଜଡ଼ା ସ୍ଥିତିକୁ ସଜାଡ଼ିବାରେ ଅଗ୍ରଣୀ ଭୂମିକା ନେଇପାରନ୍ତି। ସ୍ୱାଧୀନ ପ୍ରାର୍ଥୀଙ୍କ ସହ ଉତ୍ତମ ସମ୍ପର୍କ ରଖି ବ୍ଲକ ଗଠନ କରିବାକୁ ଉଭୟ ଦଳ ଅଙ୍କକଷା ଆରମ୍ଭ କରିଦେଇଛି । ରାଇଘର ବ୍ଲକ ସଦର ପଞ୍ଚାୟତ ସମିତି ସଭ୍ୟ ପ୍ରାର୍ଥୀଙ୍କ ଉପରେ ସବୁ ଦଳର ନଜର ରହିଛି । ରାଇଘର ପଞ୍ଚାୟତରେ ଜଣେ ମଧ୍ୟ ବିଦ୍ରୋହୀ ପ୍ରାର୍ଥୀ ନାହାନ୍ତି। ଏଠାରେ ଭାଜପା ଓ ବିଜେଡି ସମର୍ଥିତ ପ୍ରାର୍ଥୀ ଥିବାବେଳେ ପ୍ରାର୍ଥୀଙ୍କ ସହ ସ୍ୱାଧୀନ ଭାବେ ରଞ୍ଜିତା ରେଲୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ରଞ୍ଜିତା ଉଭୟ ଦଳର ପ୍ରାର୍ଥୀଙ୍କୁ ଚକ୍‌ମା ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ରଞ୍ଜିତା ଗତ ପଞ୍ଚାୟତ ନିର୍ବାଚନରେ ୱାର୍ଡମେମ୍ବର ରହି ଲୋକଙ୍କ ନିମନ୍ତେ କାର୍ଯ୍ୟ କରିଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନେ ଲୋକଙ୍କ ପାଇଁ ନୂଆ ଚେହେରା। ତେବେ ଭୋଟର କେଉଁ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେଉଛନ୍ତି ଏହା ଉପରେ ସମସ୍ତଙ୍କ ନଜର। ବ୍ଲକ୍ ଗଠନ ନିମନ୍ତେ ସବୁ ଦଳର ସ୍ୱତନ୍ତ୍ର ଫୋକସ୍ ସମିତି ସଭ୍ୟ ଉପରେ ରହିଥିବା ବେଳେ ଏଠାରେ କଡ଼ା ଟକ୍କର ହେବା ସମ୍ଭାବନା ରହିଛି।

**ଦହଣାରେ ଦୁର୍ବୃତ୍ତଙ୍କ ଗୁଳିଚାଳନା**

ନନ୍ଦାହାଣ୍ଡି,(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗ୍ରାମରେ ଦୁର୍ବୃତ୍ତମାନେ ଶନିବାର ରାତିରେ ଫାଙ୍କା ଗୁଳି ଚାଳନା କରିଛନ୍ତି। ଏସ୍‌ଡିପିଓ ଆଦିତ୍ୟ ସେନ୍, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ଏବଂ ପୋଲିସ ଟିମ୍ ପହଞ୍ଚି ଦୁଇଟି ଫୁଟା ଗୁଳି ଏବଂ ଗୋଟିଏ ଜୀବନ୍ତ ଗୁଳି ଜବତ କରି ତଦନ୍ତ ଚଳାଇଛନ୍ତି। ସୂଚନା ଅନୁଯାୟୀ, ରାତି ସାଢ଼େ ୮ଟାରେ ଦହଣା ଗ୍ରାମର ଅଶ୍ୱିନୀ ଦାଶଙ୍କ ଘର ଦାଣ୍ଡରେ ଦୁର୍ବୃତ୍ତମାନେ ହଠାତ ଗୁଳି ଚାଳନା କରିଥିଲେ। ଏହା ଶୁଣି ଅଶ୍ୱିନୀଙ୍କ ପରିବାର ଏବଂ ନିକଟରେ ରହୁଥିବା ଲୋକେ ଭୟଭୀତ ହୋଇପଡ଼ିଥିଲେ। ରାଜନୈତିକ ଆକ୍ରୋଶ ରଖି ଦୁର୍ବୃତ୍ତମାନେ ଏହି କାଣ୍ଡ ଘଟାଇଥିବା ଅଶ୍ୱିନୀଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଟ୍ରକ୍‌କୁ ପିଟିଲା ବସ୍, ୩୩ ଶ୍ରମିକ ଗୁରୁତର

## ଓଡ଼ିଶାରୁ ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିଲା

ରାୟଗଡ଼ା ଅଫିସ,୧୯।୨

ଓଡ଼ିଶାରୁ ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିବା ଏକ ବସ୍ ଶନିବାର ସକାଳେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ରାଣାସରକ ନିକଟ ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୩ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତର ଶ୍ରମିକଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୪ ଶ୍ରମିକ ରହିଥିବାବେଳେ ଅନ୍ୟମାନେ ମାଲକାନଗିରି ଓ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି। ଗୁରୁତରମାନଙ୍କୁ ଶ୍ରୀକାକୁଲମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ତାମିଲନାଡୁରେ ସିଲେଇ କାମ ପାଇଁ ବସ୍‌ଟି ୩ ଜିଲାର ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିଲା। ସକାଳ ୬ଟାରେ ରାଣାସରକ ନିକଟରେ ବସ୍‌ଟି ରାସ୍ତାରେ ଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ବସ୍‌ରେ ୪୭ ଶ୍ରମିକ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୩ ଗୁରୁତର ହୋଇଥିଲେ। ଏ ନେଇ ରାୟଗଡ଼ା ଜିଲା ଶ୍ରମ ଅଧିକାରୀ ଯସ୍ମିନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାର ଜେକେପୁର ଅରବିନ୍ଦନଗର ଅଞ୍ଚଳର ୨ ଯୁବତୀ ଏବଂ ବାପୁଜୀନଗର ଅଞ୍ଚଳର ୨ଯୁବତୀଙ୍କ ସମେତ ଜିଲାରୁ ୬ ଶ୍ରମିକ ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଅଧିକ ଗୁରୁତର ରହିଛି। ଅନ୍ୟମାନେ ଗଞ୍ଜାମ ଓ ମାଲକାନଗିରି ଜିଲାର ହୋଇଥିବାବେଳେ ଖବର ଲେଖାଯିବା ସୁଦ୍ଧା ସେମାନଙ୍କ ପରିଚୟ ମିଳିପାରି ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଜିଲାର ଶ୍ରମିକମାନଙ୍କୁ ସହାୟତା ବିଷୟରେ ପଚାରିବାରୁ ସେମାନଙ୍କ ଅବସ୍ଥା ଦେଖି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଯାଉଛି।

# ୩ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତ ବିଷୟରେ ପୋଲିସ ସୂଚନା ଦେଉଛି।

## ଗଞ୍ଜେଇର ଚରାଭୂମି ପଦ୍ମପୁର

ପଦ୍ମପୁର,୧୯।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ଓ କେନ୍ଦୁଗୁଡ଼ା ପୋଲିସ ପାଟ୍ରୋଲିଂବେଳେ ଶନିବାର ୭୦ କେ.ଜି. ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଦୁହେଁ ହେଲେ ଗଜପତି ଜିଲା ଅଡ଼ବା ଥାନା ଅଞ୍ଚଳର ଲାବଣ୍ୟ ମାଝି(୨୬) ଏବଂ ଅଲିୟା ମଲ୍ଲିକ(୨୪)। ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ କାର୍(ଡବ୍ଲ୍ୟୁବି-୦୨ ଏକେ ୩୬୬୨)କୁ ମଧ୍ୟ ପୋଲିସ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ। ଏ ନେଇ ଅଧିକ ତଦନ୍ତ ଚାଲିଥିବା ପଦ୍ମପୁର ଥାନାଧିକାରୀ ସୁଶାନ୍ତ ତୋଉଡିଆ ସୂଚନା ଦେଇଛନ୍ତି। କେନ୍ଦୁଗୁଡା ଫାଣ୍ଡି ଏସ୍‌ଆଇ କିଶୋର ଚନ୍ଦ୍ର ବେହେରା ଏବଂ ପୋଲିସ ଟିମ୍ ସହଯୋଗ କରିଥିଲେ।

ପଦ୍ମପୁର ଅଞ୍ଚଳ ଗଞ୍ଜେଇ ମାଫିଆଙ୍କ ଚରାଭୂମି ପାଲଟିଛି। ବାରମ୍ବାର ଅଞ୍ଚଳରୁ ଗଞ୍ଜେଇ ଚାଲାଣବେଳେ ପୋଲିସ ଜବତ କରିବା ସହ ମାଫିଆମାନଙ୍କୁ ଗିରଫ କରୁଛି। ତଥାପି ପୋଲିସକୁ ଚକମା ଦେଇ କାରବାର ଚଳାଇଥିବା ଜଣାପଡ଼ିଛି।

## ତୃତୀୟ ପର୍ଯ୍ୟାୟରେ ମତଦାନ କରିବେ ୩ ବ୍ଲକର ୧,୫୪,୬୫୩ ଭୋଟର

କୋରାପୁଟ,୧୯।୨(ସ୍ୱ.ପ୍ର.)

ରବିବାର ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଏହି ପର୍ଯ୍ୟାୟରେ କୋରାପୁଟ ଜିଲା ନନ୍ଦପୁର ବ୍ଲକର ୨୭୭ଟି ବୁଥ୍ , କୁନ୍ଦୁରା ବ୍ଲକର ୧୮୫ ବୁଥ୍ ଓ ଲକ୍ଷ୍ମୀପୁର ବ୍ଲକର ୧୫୧ଟି ଏପରି ମୋଟ ୬୧୩ ବୁଥରେ ୧,୫୪,୬୫୩ ଭୋଟର ସେମାନଙ୍କ ମତଦାନ କରିବେ। ଏହି ୬୧୩ ବୁଥ୍ ମଧ୍ୟରୁ ୪ଟି ଅତି ସମ୍ବେଦନଶୀଳ ଓ ୭୧ଟି ସମ୍ବେଦନଶୀଳ ବୁଥ ରହିଛି। ୭୧ଟି ସମ୍ବେଦନଶୀଳ ବୁଥ ମଧ୍ୟରେ ନନ୍ଦପୁର ବ୍ଲକରେ ୧୯ଟି କୁନ୍ଦୁରା ବ୍ଲକରେ ୨୮ଟି ଓ ଲକ୍ଷ୍ମୀପୁର ବ୍ଲକରେ ୨୪ଟି ବୁଥ୍ ରହିଛି। ଏହି ପର୍ଯ୍ୟାୟରେ ଜିଲାର ୩ଟି ବ୍ଲକର ୬ଟି ଜିଲା ପରିଷଦ ଜୋନ ପାଇଁ ନିର୍ବାଚନ ହେବ। ନନ୍ଦପୁର ବ୍ଲକର ୨ଟିଜିଲା ପରିଷଦ ଜୋନ, ୨୩ଟି ସରପଞ୍ଚ, ୨୩ ସମିତି ସଭ୍ୟ ଓ ୨୭୭ ୱାର୍ଡମେମ୍ବର ନେଇ ମତଦାନ ହେବ । କୁନ୍ଦୁରା ବ୍ଲକର ୨ଟି ଜିଲା ପରିଷଦ ଜୋନ, ୧୬ ଟି ସରପଞ୍ଚ, ଓ ୧୬ଟି ସମିତି ସଭ୍ୟ ଓ ୧୮୫ ୱାର୍ଡମେମ୍ବର ଏବଂ ଲକ୍ଷ୍ମୀପୁର ବ୍ଲକର ୨ଟି ଜିଲା ପରିଷଦ ଜୋନ, ୧୩ ସରପଞ୍ଚ, ୧୩ ସମିତି ସଭ୍ୟ ଓ ୧୫୧ ୱାର୍ଡମେମ୍ବର ପଦବୀରେ ନିର୍ବାଚନ ହେବ । ଏହି ୩ଟି ବ୍ଲକରେ ମତଦାନବେଳେ ଭିଡିଓ ରେକର୍ଡିଂ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

# କାଶୀପୁର, କଲ୍ୟାଣସିଂହପୁରରେ ପହଞ୍ଚିଲେ ପୋଲିଂ ପାର୍ଟି

## ଆଜି ତୃତୀୟ ପର୍ଯ୍ୟାୟ ଭୋଟ

ଟିକିରି,୧୯।୨(ଡି.ଏନ୍.ଏ.)–

ରାୟଗଡ଼ା ଜିଲାର କାଶୀପୁର ଓ କଲ୍ୟାଣସିଂହପୁର ବ୍ଲକରେ ରବିବାର ଭୋଟ ଗ୍ରହଣ ହେବ। ଏଥିପାଇଁ ଶନିବାର ଦୁଇ ବ୍ଲକର ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚଛନ୍ତି। କାଶୀପୁର ବ୍ଲକରେ ମହିଳା ଭୋଟରଙ୍କ ସୁବିଧା ନିମନ୍ତେ ବ୍ଲକ ସଦର ଠାରେ ୨ଟି ପିଙ୍କ୍ ବୁଥ୍ କରାଯାଇଛି। ଏଥିରେ ମହିଳା ପ୍ରିଜାଇଡିଂ ଏବଂ ପୋଲିଂ ଅଫିସର ନିୟୋଜିତ ହୋଇଛନ୍ତି। କାଶୀପୁର ବ୍ଲକର ୨୪ ପଞ୍ଚାୟତର ୨୮୨ ଭୋଟ ଗ୍ରହଣ କେନ୍ଦ୍ର ରେ ୯୭ ହଜାର୨୫୦ ଭୋଟର ଭୋଟ ଦେବେ। ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବ୍ଲକର ୩ ଜିଲା ପରିଷଦ ଜୋନ୍‌ରେ ୨୫ ଜିଲା ପରିଷଦ ପ୍ରାର୍ଥୀନୀ, ୧୧୩ ସରପଞ୍ଚ ପ୍ରାର୍ଥୀ ଏବଂ ୮୯ ସମିତି ସଭ୍ୟା ସଭ୍ୟ ପ୍ରାର୍ଥୀନୀ ରହିଛନ୍ତି। ସେହିପରି ସ୍କୁଲ କିମ୍ବା ଅନ୍ୟ ସରକାରୀ ଗୃହ ନ ଥିବା ସ୍ଥାନରେ ୧୦ ଅସ୍ଥାୟୀ ପୋଲିଂ ବୁଥ୍ ଖୋଲା ଯାଇଥିବା ସୂଚନା ମିଳିଛି। ବ୍ଲକରେ ଥିବା ୨୮୨ ପୋଲିଂ ବୁଥ୍ ମଧ୍ୟରୁ ୨୨ଟି ଅତି ସମ୍ବେଦନଶୀଳ ଏବଂ ୫୩ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସେହିପରି ମାଓବାଦୀ ପ୍ରବଣ କଲ୍ୟାଣସିଂହପୁର ବ୍ଲକରେ ଭୋଟ ଗ୍ରହଣ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବ୍ଲକର ପାରସାଲି ପଞ୍ଚାୟତରେ ଡଙ୍ଗରିଆମାନେ ୧୫ ବର୍ଷ ପରେ ଭୋଟ ଦେବେ ବୋଲି ଜଣାପଡ଼ିଛି।
















# ମଣ୍ଡିକୁ ନ ଆସି କାଗଜପତ୍ରରେ ଉଠୁଛି ଧାନ

ନନ୍ଦାହାଣ୍ଡି,୧୯।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ଧାନମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ମିଲ୍ ମାଲିକ, ଏସ୍‌ଏଚ୍‌ଜି ଏବଂ କେତେଜଣ ସରକାରୀ କର୍ମଚାରୀଙ୍କ ଅସାଧୁ ମେଣ୍ଟ ହରିଲୁଟ କରୁଥିବା ଜଣାପଡ଼ିଛି। ପ୍ରତ୍ୟେକ ଶନିବାର ଏଠାରେ ଧାନମଣ୍ଡି ଖୋଲିଥାଏ। ଏବେ ନିର୍ବାଚନ ଚାଲିଥିବାରୁ ଗ୍ରାମାଞ୍ଚଳର ଲୋକେ ପ୍ରଚାରରେ ମାତିଛନ୍ତି। ଏହାର ସୁଯୋଗ ନେଇ ଅସାଧୁ ମେଣ୍ଟ ବ୍ୟାପକ ଦୁର୍ନୀତି କରିଥିବା ଜଣାପଡ଼ିଛି।

ସିନ୍ଧିଗୁଡ଼ା ମଣ୍ଡିରେ ପୋଡ଼ାଲଗୁଡ଼ାର ଧରିତ୍ରୀ ଏସ୍‌ଏଚ୍‌ଜିକୁ ଧାନକିଣା ଦାୟିତ୍ୱ ଦିଆଯାଇଛି। ହେଲେ ଗୋଷ୍ଠୀର ସଭାପତି କିମ୍ବା କୌଣସି ସଭ୍ୟାଙ୍କୁ ମଣ୍ଡିରେ ଦେଖିବାକୁ ମିଳୁନାହିଁ। ତାଙ୍କ ବଦଳରେ ଏଠାରେ ଜଣେ ମଧ୍ୟସ୍ଥ ଚାଷୀଙ୍କ ଟୋକନ ପ୍ରକ୍ରିୟାଠୁ ଆରମ୍ଭକରି ଆଇ ସ୍କାନ୍ ପର୍ଯ୍ୟନ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି। ସେହିପରି ମଣ୍ଡିରେ ଆଇ ସ୍କାନ୍, ମେଶିନ, ଲାପ୍‌ଟପ୍, ପ୍ରିଣ୍ଟର ଓ ଚାଷୀ ଥିଲେ ମଧ ମଣ୍ଡିକୁ ଧାନ ଆସୁନାହିଁ। ସରକାରୀ ନିୟମ ଅନୁଯାୟୀ ଚାଷୀ ନିଜ ଧାନ ମଣ୍ଡିକୁ ଆଣିବା ପରେ ସେଠାରେ ତାହାର ମାନ ନିର୍ଦ୍ଧାରଣ ହୋଇଥାଏ। ଏହାପରେ ଓଜନ କରି ଧାନ କିଣାଯାଇଥାଏ। କିନ୍ତୁ ମଣ୍ଡିକୁ ଧାନ ନ ଆଣି ମଧ୍ୟସ୍ଥ ମାଧ୍ୟମରେ ସିଧାସଳଖ ମିଲ୍‌କୁ ଦେଇ ତାଙ୍କଠାରୁ ଚିରକୁଟ ଆଣି ଆଇ ସ୍କାନ୍ କରାଯାଉଥିବା ଅନୁସନ୍ଧାନବେଳେ ନଜରକୁ ଆସିଛି। ଲୁଚାଛପାରେ କାମ ଚାଲୁଥିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦେଖିଲେ ମଧ୍ୟସ୍ଥ କାମ ବନ୍ଦ କରିଦେଉଥିବା ଦେଖାଯାଉଛି। ମଣ୍ଡିରେ ଧାନ ଲୋଡ୍ ଏବଂ ଅନ୍‌ଲୋଡ୍ ସକାଶେ କୁଇଣ୍ଟାଲ ପିଛା ପ୍ରାୟ ୬ ଟଙ୍କା ସରକାରଙ୍କ ପକ୍ଷରୁ ଦେବା ପାଇଁ ନିୟମ ଥିବା ବେଳେ ଅତି ଚତୁରତାର ସହ ଏହି ଟଙ୍କାକୁ ହଡ଼ପ କରାଯାଉଛି। ମଣ୍ଡିକୁ ଧାନ ଆସୁ ନ ଥିବାବେଳେ ଲୋଡ୍ ଏବଂ ଅନ୍‌ଲୋଡ୍ ଟଙ୍କା କିଏ ହଡ଼ପ କରୁଛି ତାହା ତଦନ୍ତ ସାପେକ୍ଷ। ଏ ବିଷୟରେ ଜିଲା ପ୍ରକଳ୍ପ ସଂଯୋଜକ ହର୍ଷାନନ୍ଦ ପ୍ରଧାନ ଏବଂ ଜିଲା ଯୋଗାଣ ଅଧିକାରୀ ସଞ୍ଜୀବ ସାହୁଙ୍କୁ ଅବଗତ କରାଯିବା ପରେ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ମଧ୍ୟସ୍ଥ ମାଧ୍ୟମରେ ମଣ୍ଡି ଚାଲିଛି।

- ମଧ୍ୟସ୍ଥ ଜରିଆରେ ସିଧାସଳଖ ମିଲ୍‌କୁ ଯାଉଛି
- ଲୋଡ୍, ଅନ୍‌ଲୋଡ୍ ପାଇଁ ଆସୁଥିବା ଟଙ୍କା ହଡ଼ପ

## ପୁରୀ ଗଜପତିଙ୍କ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା

ଗୁଣପୁର,୧୯।୨(ଡି.ଏନ.ଏ)

ପୁରୀ ଗଜପତି ମହାରାଜ ଦିବ୍ୟସିଂହଦେବ କରୋନା ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ତାଙ୍କ ଶୁଭେଚ୍ଛୁ ଓ ହିତାକାଂକ୍ଷୀମାନେ ମର୍ମାହତ ହୋଇପଡିଛନ୍ତି। ତାଙ୍କର ଆଶୁ ଆରୋଗ୍ୟ କାମନା କରି ସେମାନେ ପୂଜାର୍ଚ୍ଚନା କରିଛନ୍ତି। ଶନିବାର ଗୁଣପୁରର ସହର ଅଦୈତ ବେଦାନ୍ତ ଆଶ୍ରମ ପରିସରରେ ମହାମୃତ୍ୟୁଞ୍ଜୟ ମନ୍ତ୍ର ସହ ହନୁମାନ ଚାଳିଶା ପାଠ କରାଯାଇଥିଲଶ। ଆଶ୍ରମର ନଳିନୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶୁଭେଚ୍ଛୁମାନେ ପୂଜାର୍ଚ୍ଚନା ପୂଜାର୍ଚ୍ଚନା କରିଥିଲେ।

## ଛତ୍ରପତି ଶିବାଜୀଙ୍କ ଜୟନ୍ତୀ

ଦୁର୍ଗୀ,୧୯।୨(ଡି.ଏନ୍.ଏ.)–

ଦୁର୍ଗୀ ଶିବ ମନ୍ଦିର ପ୍ରାଙ୍ଗଣରେ ଛତ୍ରପତି ଶିବାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିବାଜୀ ୧୬୩୦ ଖ୍ରୀଷ୍ଟାବ୍ଦ ଫେବୃଆରୀ ୧୯ରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ନିର୍ମଳ ଶାସନ, ରାଜ୍ୟ ଗଠନ ପ୍ରଜାବତ୍ସଳତା ସମ୍ପର୍କରେ ଅତିଥିମାନେ ଆଲୋଚନା କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଭବାନୀ ପ୍ରସାଦ ପାତ୍ର, କରୁଣାକର ପ୍ରଧାନୀ, ଶୁଭମ ପାଢ଼ୀ, ବବୁଲୁ, ଦିପୁ, ସୁରଜ, ଶୁଭମ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଜନ୍ମଦିନ ଶୁଭେଚ୍ଛା**


(ମାମୁନ୍)

**ଆଦ୍ୟାଶା ମହାନ୍ତି**
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଈଁ ଓ ପରିବାରବର୍ଗ ।
ଧ-୨୩୨୦୩

**MISSING**


ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.– 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି– 9438411083.
ଧ-୨୩୧୫୮

# ଆଜି ନବରଙ୍ଗପୁର, କୋଷାଗୁମୁଡ଼ା ବ୍ଲକରେ ମତଦାନ

## କୋଷାଗୁମୁଡ଼ାରେ ୩୩ ଅତି ସମ୍ବେଦନଶୀଳ ବୁଥ୍

ନବରଙ୍ଗପୁର/କୋଷାଗୁମୁଡ଼ା, ୧୯।୨(ବି.ପ୍ର.)

ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ରବିବାର ନବରଙ୍ଗପୁର ଓ କୋଷାଗୁମୁଡ଼ା ବ୍ଲକର ୪୬୦ ବୁଥ୍ ଓ ୱାର୍ଡରେ ଭୋଟ ଗ୍ରହଣ ହେବ। କୋଷାଗୁମୁଡ଼ା ବ୍ଲକର ୨୬ ପଞ୍ଚାୟତ ଓ ୩ ଜିଲା ପରିଷଦ ଜୋନ୍ ଓ ନବରଙ୍ଗପୁର ବ୍ଲକର ୧୩ ପଞ୍ଚାୟତ ଓ ୨ ଜିଲା ପରିଷଦ ଜୋନ୍ ପାଇଁ ଭୋଟ ଗ୍ରହଣ ହେବ। ଏ ନେଇ ସମସ୍ତ ବୁଥ୍‌ରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସରମାନେ ପହଞ୍ଚିଛନ୍ତି। କୋଷାଗୁମୁଡ଼ା ବ୍ଲକରେ ୨୫୨ ବୁଥ୍ ମଧ୍ୟରୁ ୧୬ ସମ୍ବେଦନଶୀଳ ଓ ୩୩ ଅତି ସମ୍ବେଦନଶୀଳ ରହିଛି। ସେହିପରି ନବରଙ୍ଗପୁର ବ୍ଲକରେ ୧୩୯ ବୁଥ୍ ମଧ୍ୟରୁ ୨୦ଟି ସମ୍ବେଦନଶୀଳ ବୁଥ୍ ରହିଛି। ସୁରକ୍ଷା ନିମନ୍ତେ ୨ ପୋଲିସ ଏସ୍‌ଆଇ, ୧୪ ଏଏସ୍‌ଆଇ, ୪୪ କନଷ୍ଟେବଲ, ୨୮ ଓଡ଼ିଶା ଆର୍ମ ପୋଲିସ ଫୋର୍ସ, ୨୦୬ ହୋମ ଗାର୍ଡଙ୍କୁ ନିୟୋଜିତ କରାଯାଇଛି। ୨ ଅନୁଧାନକାରୀ ଦଳ, ୨୪ ପାଟ୍ରୋଲିଂ ଗାଡ଼ି ବୁଥ୍ ବୁଲି ଅନୁଧ୍ୟାନ କରିବେ ବୋଲି ସୂଚନା ମିଳିଛି।

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଗଲା ଖାତିଗୁଡ଼ାର ୨ ସ୍କୁଲ

ତେନ୍ତୁଳିଖୁଣ୍ଟି,୧୯।୨(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ଚିଠି ପ୍ରକାରେ ରାଜ୍ୟର ଜଳ ସମ୍ପଦ ବିଭାଗ ଓ ଜଳ ବିଦ୍ୟୁତ ନିଗମ ଦ୍ୱାରା ପରିଚାଳିତ ୧୧ ବିଦ୍ୟାଳୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯାଇଛି। ଏଥିରେ ନବରଙ୍ଗପୁର ଜିଲାର ଖାତିଗୁଡାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ, ଇନ୍ଦ୍ରବତୀ ପ୍ରାଥମିକ ବିଦ୍ୟାଳୟ ସାମିଲ ଅଛି। କପୁର, ଦେଓପାଲି, ମୁରାନରେ ଥିବା ବିଦ୍ୟାଳୟ ଇତିମଧ୍ୟରେ ଛାତ୍ର ସଂଖ୍ୟା ହ୍ରାସ ଯୋଗୁଁ ବନ୍ଦ ହୋଇଛି। ଚିଠି ସଂଖ୍ୟା ୩୧୩୮୭/୨୯ .୦୯ .୨୦୧୪ ଆଧାରରେ ଦୁଇ ସ୍କୁଲର ହସ୍ତାନ୍ତର ପ୍ରକ୍ରିୟା ହୋଇଛି ଏବଂ ପତ୍ର ସଂଖ୍ୟା ୬୮୫/୨୯୦୧-୨୦୨୨ ପ୍ରକାରେ ଏହି ନିଷ୍ପତ୍ତି ହୋଇଛି। ଇନ୍ଦ୍ରାବତୀ ପ୍ରକଳ୍ପ ଅଧୀନରେ ଥିବା ବିଦ୍ୟାଳୟ, ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ହସ୍ତାନ୍ତର ହୋଇଯିବା ପରେ ଇନ୍ଦ୍ରାବତୀ ପ୍ରକଳ୍ପ ଡାକ୍ତରଖାନା କେବେ ସ୍ୱାସ୍ଥ୍ୟ ବିଭାଗ ନେବ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏବେ ଇନ୍ଦ୍ରାବତୀ ହାଇସ୍କୁଲରେ କାର୍ଯ୍ୟରତ ଓଡ଼ିଶା ଜଳ ବିଦ୍ୟୁତ ନିଗମ ଦ୍ୱାରା ନିଯୁକ୍ତ ତିନି ଗ୍ରାଜୁଏଟ ଶିକ୍ଷକଙ୍କ ଭବିଷ୍ୟତ ନେଇ କ'ଣ ନିଷ୍ପତ୍ତି ନିଆଯାଇଛି ତାହା ଆଲୋଚନାର ବିଷୟ ହୋଇଛି। ଆଗାମୀ ଦିନରେ ଶିକ୍ଷାକ ସମସ୍ୟା ଲାଘବ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ କରିବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ସ୍କୁଲ ହସ୍ତାନ୍ତର ପରେ ଶିକ୍ଷକ ଓ କର୍ମଚାରୀ କେବେ ଠାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଦରମା ପାଇବେ ତାହାର ସ୍ୱଷ୍ଟତା ମଧ୍ୟ ନାହିଁ। ସେ ଯାହାବି ହେଉ ଇନ୍ଦ୍ରାବତୀ ଅସ୍ମିତା ପାଇଁ ଜୁଲାଇ ୨୦୨୧ରେ ଆରମ୍ଭ ହୋଇଥିବା ସର୍ବଦଳୀୟ ଦାବୀ ପ୍ରକାରେ ସ୍ୱାସ୍ଥ୍ୟ ବିଭାଗକୁ ଇନ୍ଦ୍ରବତୀ ପ୍ରକଳ୍ପ ଡାକ୍ତରଖାନା ହସ୍ତାନ୍ତର ବାକି ରହିଲା। ଏହା ତ୍ୱରିତ କାର୍ଯ୍ୟକାରୀ କରିବାକୁ ଦାବି ହେଉଛି।




**CLASSIFIED DISPLAY**
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ ।
9870683762

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

